# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20 April - 2024**

**News Editor : *Tapan Kumar Maharana***

************************************

## ମୁଖ୍ୟ ସମ୍ବାଦ

- ବିଧାନସଭା ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଘୋଷଣା ହେଲା ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା
- ଝାରସୁଗୁଡ଼ା ଜିଲ୍ଲା ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି;

– ରାଷ୍ଟ୍ରପତିଙ୍କ ଶୋକପ୍ରକାଶ

- ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ
- ମଇ ମାସ ୧ ତାରିଖରୁ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି; କାଳବୈଶାଖୀ ଓ ବଜ୍ରପାତ ନେଇ ସନ୍ଧ୍ୟା ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ୯ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

## ବିଜେଡି- ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା

ବିଧାନସଭା ଆସନ ପାଇଁ ଆଜି ବିଜେଡି ଦଳ ପକ୍ଷରୁ ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ବିଜେଡି ଦଳର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ୯ ଜଣଙ୍କ ନାମ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ାରୁ ଦଳ ଗଣେଶ୍ୱର ବେହେରାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଚିଲିକାରୁ ରଘୁନାଥ ସାହୁ ପ୍ରାର୍ଥୀ ହୋଇଛନ୍ତି। ଆନନ୍ଦପୁର ଅଭିମନ୍ୟୁ ସେଠୀ, ସାରସକଣାରୁ ଦେବାଶିଷ ମାରାଣ୍ଡି, କରଞ୍ଜିଆରୁ ବାସନ୍ତୀ ହେମ୍ବ୍ରମ, ରେମୁଣାରୁ ବିଦ୍ୟାସ୍ମିତା ମହାଲିକ, ସିମୁଳିଆରୁ ସୁଭାଷିନୀ ସାହୁ, ବଡଚଣାରୁ ବର୍ଷା ପ୍ରିୟଦର୍ଶିନୀଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ଚମ୍ପୁଆରୁ ସନାତନ ମହାକୁଡ଼ଙ୍କୁ ଦଳ ପ୍ରାର୍ଥୀ କରିଛି। ବିଜେଡି ପକ୍ଷରୁ ୬ଟି ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ୧୩୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି।

## ଡଙ୍ଗାବୁଡ଼ି ଘଟଣା

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ମହାନଦୀରେ ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସମସ୍ତ ୮ଟି ମୃତଦେହକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୫୪ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ି ଯାଇଥିଲା। ଡଙ୍ଗାରେ ଥିବା ଯାତ୍ରୀମାନେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର। ସେମାନେ ବରଗଡ଼ ଜିଲ୍ଲାର ଆମ୍ବଭୋନା ବ୍ଲକରେ ଅବସ୍ଥିତ ଖରସେନିକୁ ବୁଲିବା ପାଇଁ ଆସିଥିଲେ। ଏହି ମର୍ମନ୍ତୁଦ ନୌକା ଦୁର୍ଘଟଣା ପାଇଁ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ,

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ପୁଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି।

## ରାଷ୍ଟ୍ରପତିଙ୍କ ଶୋକ

ଝାରସୁଗୁଡ଼ା ଜିଲ୍ଲା ଲଖନପୁରର ମହାନଦୀରେ ନୌକାବୁଡ଼ି ଘଟଣାରେ ଏକାଧିକ ଲୋକଙ୍କ ପ୍ରାଣହାନୀ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୋକପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ଲେଖିଛନ୍ତି, ଓଡ଼ିଶାର ଝାରସୁଗୁଡ଼ା ନିକଟରେ ମହାନଦୀରେ ନୌକାବୁଡ଼ି ଯୋଗୁଁ ଅନେକ ଲୋକଙ୍କର ପ୍ରାଣହାନୀ ଘଟିଥିବା ଜାଣି ସେ ଦୁଃଖିତ। ଶୋକସନ୍ତପ୍ତ ପରିବାରଗୁଡ଼ିକ ପ୍ରତି ସେ ସମବେଦନା ଜ୍ଞାପନ କରିବା ସହ ଆଘାତପ୍ରାପ୍ତ ଲୋକମାନଙ୍କର ଆଶୁଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।

## ଏନ୍‌ଏଚ୍‌ଆର୍‌ସି-ଡଙ୍ଗାବୁଡ଼ି ଘଟଣା

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ମହାନଦୀରେ ଡଙ୍ଗା ବୁଡି ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ ମୁଖ୍ୟ ଶାସନ ସଚିବଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ଜଣେ ସାମାଜିକ କର୍ମୀଙ୍କ ଆବଦେନକ୍ରମେ ଡଙ୍ଗା ବୁଡ଼ି ଘଟଣାରେ କ'ଣ ପଦକ୍ଷେପ ନିଆଯାଉଛି ସେ ନେଇ ରିପୋର୍ଟ ଦାଖଲ କରିବାକୁ ଜାତୀୟ

ମାନବାଧିକାର ଆୟୋଗ ଓଡ଼ିଶା ସରକାରଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ପରିବହନ ମାଧ୍ୟମ ଭାବେ ଡଙ୍ଗା ବ୍ୟବହାର କରୁଥିବା ଲୋକଙ୍କ ଜୀବନ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଦିଆଯାଇଥିବା କ୍ଷତିପୂରଣ ସମ୍ପର୍କରେ ରାଜ୍ୟ ସରକାର ଏକ ରିପୋର୍ଟ ଦାଖଲ କରିଥିଲେ। ବିନା ଫିଟନେସ୍ ଓ ଲାଇସେନ୍ସରେ ଡଙ୍ଗାରେ ଯାତ୍ରୀ ପରିବହନ ପାଇଁ ଅନୁମତି ଦେବା ନେଇ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏପର୍ଯ୍ୟନ୍ତ ଯେଉଁମାନେ ସହାୟତା ପାଇନାହାଁନ୍ତି ସେମାନଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଆବେଦନକାରୀ ଦାବି କରିଛନ୍ତି।

## ରଥଯାତ୍ରା - ସମନ୍ୱୟ କମିଟି ବୈଠକ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ଆଜି ପୁରୀ ଟାଉନ୍‌ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ପୁଲିସ୍, ମନ୍ଦିର ସେବାୟତ, ସାମ୍ବାଦିକ ଏବଂ ସହରର ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ଏହି ବୈଠକରେ ରଥ ନିର୍ମାଣ ପ୍ରସ୍ତୁତି, ରାସ୍ତାଘାଟ, ପାନୀୟଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ଯାତ୍ରୀପାର୍କିଂ, ଖାଦ୍ୟଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବିଭାଗର ପ୍ରସ୍ତୁତି ନେଇ ବୈଠକରେ ସମୀକ୍ଷା କରାଯାଇଥିଲା। ଚଳିତ ବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରାଯିବା ନେଇ ଆଲୋଚନା ହୋଇଥିଲା।

ଏଥର ନବଯୌବନ, ନେତ୍ରୋତ୍ସବ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ତା' ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

## ସିଜେଆଇ କନ୍‌ଫରେନ୍ସ

ଦେଶରେ ନୂଆ ଫୌଜଦାରୀ ଆଇନଗୁଡ଼ିକ ପ୍ରଣୟନ ହୋଇଥିବାରୁ ଦେଶ ପରିବର୍ତ୍ତନ ପଥରେ ଆଗେଇ ଚାଲିଛି ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡକ୍ଟର ଚନ୍ଦ୍ରଚୂଡ଼ କହିଛନ୍ତି, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଭଳି ୩ଟି ଫୌଜଦାରୀ ଆଇନ ଲାଗୁ ହେବା ସହ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା କ୍ଷେତ୍ରରେ ଭାରତ ପ୍ରଗତି ପଥରେ ଅଗ୍ରସର ହେଉଛି । ଏହି ଆଇନ ଗୁଡ଼ିକ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ଭାରତକୁ ନୂଆ ଯୁଗରେ ପହଞ୍ଚାଇବ ବୋଲି ସେ ମତପ୍ରକାଶ କରିଛନ୍ତି । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ନ୍ୟାୟପାଳିକାକୁ ଫୌଜଦାରୀ ମାମଲା ଗୁଡ଼ିକର ବିଚାରର ସ୍ଥିତାବସ୍ଥା ବିଷୟରେ ଜାଣିବାର ସୁଯୋଗ ପ୍ରଦାନ କରିବ, ନ୍ୟାୟ ପ୍ରଦାନରେ ହେଉଥିବା ତ୍ରୁଟିଗୁଡ଼ିକୁ ଠାବ କରିବାକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର ହେବା ଉଚିତ ବୋଲି ସେ କହିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନ- ଡିଫେନ୍ସ ଟ୍ରେନିଂ

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଡିଫେଣ୍ଡ ଟ୍ରେନିଂ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଅଗ୍ନିବୀରମାନଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ

ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ବୀର ସୁରେନ୍ଦ୍ର ସାଏଙ୍କ ପରି ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ପରାମର୍ଶ ଦେଇଛନ୍ତି ।

## ନିର୍ବାଚନ ପ୍ରଶିକ୍ଷଣ

ସାଧାରଣ ନିର୍ବାଚନ ୨୦୨୪ କୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ବ୍ୟବସ୍ଥିତ ଭାବେ ସମ୍ପାଦନ କରିବା ନିମନ୍ତେ ୧୮ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ରେଢ଼ାଖୋଲ ଭୀମଭୋଇ କଲେଜ ଠାରେ ପ୍ରିଜାଇଡିଂ ଏବଂ ପ୍ରଥମ ପୋଲିଂ ଅଧିକାରୀଙ୍କ ରିଫ୍ରେସର ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋଟ ୩୨୯ ଜଣ ଅଧିକାରୀ ତାଲିମ ନେଇଛନ୍ତି । ବିଶେଷ କରି କିଭଳି ତ୍ରୁଟିଶୂନ୍ୟ ଭାବେ ନିର୍ବାଚନ କରାଯିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଇ.ଭି.ଏମ ଓ ଭିଭିପାଟ୍ ମେସିନର ବ୍ୟବହାର ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା ।

## ଭୋଟର ସଚେତନତା ଅଭିଯାନ

ପାରଳାଖେମୁଣ୍ଡି ସ୍ଥିତ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଭୋଟର ସଚେତନତା ଅଭିଯାନ ରଥ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାସ୍ତରୀୟ ସଚେତନତା ଅଭିଯାନ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଗଜପତି ଜିଲ୍ଲାରେ ଆସନ୍ତା ମେ ମାସ ୧୩ ତାରିଖ ଦିନ ସାଧାରଣ

ନିର୍ବାଚନ ଅନୁଷ୍ଠିତ ହେବ। ସମସ୍ତେ ନିଜ ନିଜର ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏହି ସଚେତନତା ଅଭିଯାନ ରଥ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୩ ଦିନ ଏବଂ ମୋହନା ନିର୍ବାଚନ ମଣ୍ଡଳୀରେ ୩ ଦିନ ବିଭିନ୍ନ ଅଞ୍ଚଳକୁ ଯାଇ ଭୋଟର ମାନଙ୍କୁ ଭୋଟ ଦେବା ସମ୍ପର୍କରେ ସଚେତନ କରାଇବ । ଏହାପରେ ଆସନ୍ତା ୨୬ ତାରିଖ ଠାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୪ଟି ଚଳଚ୍ଚିତ୍ର ଯାହାକି, ଓଡ଼ିଆ, ତେଲୁଗୁ , ସଉରା ଓ କୁଇ ଭାଷାରେ ପ୍ରସ୍ତୁତ କରାଯାଇ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଭୋଟର ମାନଙ୍କୁ ଭୋଟ ଦେବା ଉପରେ ସଚେତନ କରାଇବ ।

## ବଉଳା କୁମ୍ଭୀର

ବଉଳା କୁମ୍ଭୀରମାନଙ୍କର ପ୍ରଜନନ ପାଇଁ ଆସନ୍ତା ମଇ ମାସ ୧ ତାରିଖରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ । ଭିତରକନିକା ସହିତ ଯୋଡ଼ି ହୋଇଥିବା ନଦୀ ଓ ନାଳଗୁଡ଼ିକରେ କୁମ୍ଭୀରମାନେ ବସାବାନ୍ଧି ଅଣ୍ଡା ଦେବେ । ଏହି ସମୟରେ ମାଈ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଥା'ନ୍ତି । ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ କୁମ୍ଭୀରମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ ରଖିବାପାଇଁ ଭିତରକନିକା ଜାତୀୟ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ।

## ଏସି ହେଲମେଟ୍ ବଣ୍ଟନ

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ଟ୍ରାଫିକ କର୍ମଚାରୀମାନଙ୍କ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ଆଜି କିଛି କର୍ମଚାରୀଙ୍କୁ ଏସି ହେଲମେଟ୍ ପ୍ରଦାନ କରାଯାଇଛି। ପୁଲିସ କମିଶନର ସଞ୍ଜୀବ ପଣ୍ଡା ଆଜି ଟ୍ରାଫିକ ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀଙ୍କୁ ଏସି ହେଲମେଟ୍ ପ୍ରଦାନ କରିଛନ୍ତି। ଏହି ଏସି ହେଲମେଟ୍ ବ୍ୟବହାର ନେଇ କର୍ମଚାରୀମାନଙ୍କ ପାଖରୁ ଭଲ ପ୍ରତିକ୍ରିୟା ଆସିଲେ ଡ୍ୟୁଟିରେ ଥିବା ସମସ୍ତ କର୍ମଚାରୀଙ୍କୁ ହେଲମେଟ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ଏହି ଏସି ହେଲମେଟ୍ ଶରୀରର ତାପମାତ୍ରାକୁ ଥଣ୍ଡା ରଖିବାରେ ସାହାଯ୍ୟ କରିବ। ଏହି ଅବସରରେ ରାଜଧାନୀର ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ପାଣିପାଗ

ସାରା ରାଜ୍ୟରେ ଜାରୀ ରହିଛି ଗ୍ରୀଷ୍ମ ଲହରୀ। ଉତ୍ତର-ପଶ୍ଚିମ’ ପଶ୍ଚିମ ଶୁଷ୍କ ବାୟୁ ଓ ଉଚ୍ଚ ସୌରତାପ ପ୍ରଭାବରେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। କାଳବୈଶାଖୀ ଓ ବଜ୍ରପାତ ନେଇ ସନ୍ଧ୍ୟା ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ୯ଟି ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହି ଜିଲ୍ଲାଗୁଡ଼ିକ ହେଉଛି କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ଗଜପତି, ବଲାଙ୍ଗୀର, ଗଞ୍ଜାମ, କଳାହାଣ୍ଡି ଓ ନବରଙ୍ଗପୁର। ଘଡ଼ଘଡ଼ି, ବିଜୁଳି ଓ ବର୍ଷା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ

ବହିବାର ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷରେ ଆଜି ୪୫ ଦଶମିକ ୨ ଡିଗ୍ରୀ ସେଲସିୟସ ସହ ବୌଦ୍ଧ ଓ ବାରିପଦା ରାଜ୍ୟର ଉତ୍ତପ୍ତ ସହର ହୋଇଛନ୍ତି।

ଏଥିସହ ଆଗାମୀ ୨୪ ଘଣ୍ଟାରେ ହିଟ୍‌ୱେଭ ପାଇଁ ୧୬ଟି ଜିଲ୍ଲାକୁ ଓ ସିଭିୟର ହିଟ୍‌ୱେଭ ପାଇଁ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ୮ଟି ଜିଲ୍ଲା ମଧ୍ୟରେ ଅନୁଗୁଳ, ମୟୁରଭଞ୍ଜ, ସମ୍ବଲପୁର, ବୌଦ୍ଧ, ନୟାଗଡ଼, କଟକ, କେନ୍ଦୁଝର ଓ ବଲାଙ୍ଗୀର ରହିଥିବାବେଳେ ୧୬ଟି ଜିଲ୍ଲା ମଧ୍ୟରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଢେଙ୍କାନାଳ, ଯାଜପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି, ଝାରସୁଗୁଡା, ବରଗଡ, ସୋନପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ଗଞ୍ଜାମ, ଗଜପତି, ବାଲେଶ୍ୱର ରହିଛି।